# ଗଡ଼ଜାତ କୃଷକ

odia.org

ଭାରତୀ ପବ୍ଲିସିଂ ହାଉସ
ଏବଂ
ବୁକ୍ ଡିଃପୋ
କଟକ

## ଗ୍ରନ୍ଥକର୍ତ୍ତାଙ୍କର ଅନ୍ୟାନ୍ୟ ପୁସ୍ତକ ।

---

| | | | |
|---|---|---|---|
| ନବତରଙ୍ଗ | ... | ... | ଟ ୦ ୩ |
| କାଳିବୋହୂ | ... | ... | ଟ ୦ ।/ |
| ପରଶମଣି | ... | ... | ଟ ୦ ।/ |
| ଭ୍ରାନ୍ତି | ... | ... | ଟ ୦ ।୵ |
| ଉଚ୍ଛ୍ୱାସ | .. | .. | ଟ ୦ ୳ |
| ଅନ୍ତରା | ... | ... | ଟ ୧ । |
| ଉର୍ମିଳା | ... | ... | ଟ ୧ । |

ପ୍ରାପ୍ତିସ୍ଥାନ :—

**କଟକ ଟ୍ରେଡିଂ କମ୍ପାନୀ ।**

ବକ୍ସିବଜାର, କଟକ ।

ଓ ଅନ୍ୟାନ୍ୟ ପୁସ୍ତକ ଦୋକାନ ।

# ଗଡ଼ଜାତ କୃଷକ

ଭାରତୀ ପବ୍ଲିସିଂ ହାଉସ
ଏବଂ
ବୁକ୍ ଡିଃପୋ
କଟକ

# ଗଡଜାତ-କୃଷକ

ଲେଖିକା

ସ୍ୱର୍ଗୀୟା କୁନ୍ତଳାକୁମାରୀ ଦେବୀ

ପ୍ରକାଶକ

ଡାକ୍ତର କୃଷ୍ଣପ୍ରସାଦ ବ୍ରହ୍ମଚାରୀ

ସମ୍ପାଦକ, ଭାରତୀ-ତପୋବନ ସଙ୍ଘ

କଟକ

ପ୍ରଥମ ମୁଦ୍ରଣ, ୧୯୩୯

ମୂଲ୍ୟ — ଏକ ଅଣା

# ଗଡଜାତ-କୃଷକ

—୧—

ଘର ମୂଲ ଖଟି— ଖଟି ଗୋକୁଳଟି ଗାଡକୁ ଫେଟରେ
ଅରଜନଯାକ ଭାତକୁ ନଅଣ୍ଟ ଗୁଜଲ ସେଥରେ ।
ଚୁଲି ଦାରବାଉ ବୁଢ଼ୀକାଳେ ଖୁଢ଼ୀ ଖୋଜନ୍ତି ଶାଗ
କାନସିର କଣ୍ଠା— ମରଷ ଗୁକୁଣ୍ଡା ଲହଙ୍ଗା ଅଗ ।
ଗୋକୁଳ ଅରଜେ ଗୁଜଳ ପେରକ ଢୋରାଣି ପାଇଁ
ଖୁଡ଼ୀ ଅରଜନ ଅନାବନାତକ ଭୁଣ ହୁଅଇ ।
ପୁଅଟିକି ପାଇଁ ତେଲ ହଳଦୀ ବା କାଏ ପଗୁରେ
ଘଗଡ଼େ ଲୁଣ ତ ନ ମିଳଇ ତାଙ୍କୁ ଢନ ଦନରେ ।
କରମ ଅଦର ନିଜଭୁଣା ପ୍ରାଣେ ସେ ଗୁହ ପ୍ରାଣୀ
ଧନକୁ ଦନ ତ କଟେଇ ଦଅନ୍ତି ପ୍ରମାଦ ଗଣି ।
କେବେ କେବେ ଖୁଡ଼ୀ କରମକୁ ନିନ୍ଦ ମନକୁ ମନ
କହନ୍ତି ମୋ ଯୋଗୁଁ ଦୁଃଖ ପାଇଲୁ ମୋ ରଙ୍କରତନ ।
ଘର ଝିଅଗୋଟି ଅଣିଲି ତା ଦୁଃଖେ ମୋ ଦୁଃଖୁଁ ବଳି
ଢେଖେ ଦନ ଛିଣ୍ଡା— ଦରଭ୍ରି ପିନ୍ଧିବ ମୋ ଧନମାଳୀ ।
ନିଜଭୁଣା ଚଷା— ଜନମ କପାଇଁ ଦାଏ ବଧାତା
କମିଶନ୍ତି ଥିଲୁ ସେ ତ ଘର ନେଲୁ ହେଲି ହ୍ରୀନଚ୍ଛା ।
ନ ଦେଖନ୍ତି କଷ୍ଟ ଯାଅନ୍ତା ବାହାର ଯୋଡ଼ା ପରାଣ

କଷ୍ଟ ପୁଣି ଦେଖା  ନ ଯାଏ ବଞ୍ଚିଲେ,  ଦଇବ ଟାଣି ।
ଝୁଡ଼ୀ ଦୁଃଖ କେବେ  କେବେ ଯେବେ ଶୁଣେ  ବୋହୁଟି କାନେ
କହେ ମାଆ ତୁମେ  କିପାଁ ଦୁଃଖ କର  ଯା' ଥିବ କର୍ମେ ।
ଅଖି ଲୁହ ଧାର  ଆଖିରେ ମିଶଇ  ନ ଜାଣେ କେହୁ
ହସ ହସ ମୁହେଁ  ପାଇଟିପତର  ସବୁ କରଇ ।
ସାଇ ପଡ଼ିଶାଏ  ଯେଝା ଦୁଃଖେ ଯେଝା  ହୁଅନ୍ତି ଧନ୍ଦ
ସାଉକାର ଋଣି  ଶୁଝିବାକୁ ଯାନ୍ତି  କଡ଼ିକି କଡ଼ି ।
ରଜା କର ଦାଉ  ବେଠି କାଠ-ଫାଉ  ଫଟାଏ ଭୁକୁ
ପଛୁରେ ଦେଇ ସାଙ୍ଗ—  ସରସା ପରାଣି  ଯା ଧୁକୁ ଧୁକୁ ?

— ୨ —

ରଜା ମହାଜନ  ଦାଉ ଛଡ଼ା ଆନ  କେଉଁ କଥାରେ
ନ ଥିଲା ଖାତର  କେବେ ଗୋକୁଳର  ରାଜ୍ୟ ଯାକରେ ।
ଜମିବାଡ଼ି ନେଲା  ମହାଜନ ଗଲା  ନ ଥିଲା ଚିନ୍ତା
ହଳକ ଶୁଖିଲା  ପିଅନ ପଢ଼ିଲା  ବାକି ତାଲିକା ।
ରାଜ-ଦରବାରୁ  ଅସିଛି କୋରଗ  ଡ଼ହ ଖଞ୍ଜଣା
କୃଷକ ବାକି  ସୁଧ ଶ୍ରାଦ୍ଧ ମିଶି  ଦଠଙ୍କା ନ'ଣା ।
କୋରଖ ଫିସ ତ  ଠଙ୍କାଟିଏ ମୋଟେ  ଖୋରାକ କିଛୁ—
ଦିଅନ ତ ନେବ  ରଜାଙ୍କ ଦୂତ ସେ  ବାଟ ଚାଲିଛୁ ।
କୁକୁରଙ୍କ ପାଇଁ  ସର୍ବେ ତନଖଣ୍ଡି  ମଠର ଯାର
ସତୁର ହଜାରେ  କଣା ଅଛୁ ସେ ଯେ  ତାଙ୍କ ଗୁହର ।
ହାତଟେଙ୍କା କହୁ  ନେବେ ଖାଞ୍ଜଣାଞ୍ଚି,  ଏକାଣ୍ଟି ବାରୁ
ତଞ୍ଜି ନବଶ  ବାକି ନ ପଡ଼ିବେ  ସବୁଟେର ସବୁ ।

ଗୋଲିଆ ନବଣ      ବାଟ ଓଗାଳିବେ      ଗୁଳ୍ପି ଲେଖି
ଛଅ ପଇସାକୁ      ଟଙ୍କାକର କଥା      କହିବେ ଯୋଗି ।

× × ×

ବଳବନ୍ତ ସଙ୍ଗେ      ବିରୋଧ ବାନ୍ଧିବେ      ଟେକିବ ମଥା
ଗୋକୁଳି ନାଏକ      ଚଷା ଟାମୁଡ଼ାର      ଶୁଣିଣି କେ କଥା ?
କେ ଶୁଣିବ ତାର      ମରମ ବେଦନା      ଅଡୁଆ ରଜା
ଗୁହାରି କହିଲେ      ଦୋହାଇ କଷିବ      କରିବ ମଜା ।
କୋରଖ ହେଲେ କି      ମହାଲିଆ ମାସେ      ଥିଲା ପୂରବେ
ନୂଆ ରାଜତ୍ୱରେ      ଅନ୍ତରା ସେ ଧାରା      ହୋଇଛନ୍ତି ଏବେ ।
ଅଜାଯୁଜବର—      ଦସ୍ତୁରେ ପିଅନ      ପଶିଲା ଘରେ
ବୋହୂ ଝିଗୁଡ଼ି      ପଳାଇଲେ ଡରେ      ବାଡ଼ି ପନ୍ତାରେ ।
ଘର କଣି ଖୋଜା      ବାସନ ଦଶଣ୍ଡି      ସତେଁ ମିଳିଲା
କୁନି ପୁଅ ଝିଅ      ଟିନାଟିଏ ଥିଲା      ତା' ଦେଖିଗଲା ।
କଙ୍କି ବଙ୍କି ସବୁ      ଯାଉଥିଲେ ଝୁଡ଼ୀ      ଢାଲ ଟୋଟିଏ—
ସତର କଣା ତା'      କଙ୍କଳ ମାତର      ଦେଲା ଝଣ୍ଡିଏ ।
ତାଙ୍କର ପହିଲା—      ଯାଳର ତଳ ସେ      ଥିଲା ଯେତିକି
ସବୁ ଦୁଃଖ ଦାଉ      ସାଇତଥିଲେ କି      ଯମ ପାଇଁକି ?
ତାଟି କବାଟରୁ      ଦଶଣ୍ଡି ମିଳିଲା      ଭାଙ୍ଗି ପିଅନ
ଦାଣ୍ଡେ ଅଣାଇଲା      ଢିଙ୍କି ଶିଳ ସବୁ      ହୋଇ ଦାରୁଣ ।
ପର ଗାଁ ଲୋକେ      ନିଲାମେ ଧରିଲେ      ଟଙ୍କାଏ ଦେଇ
ଲୁଅଁ ଗୁରୁଅଣା      ସେ ପିଅନ ବାବୁ      କୋପେ ଖସାଇ ।
ବାଟେ ବାଟେ ଗଲେ      ଗୋକୁଳି ନାଏକ      ମାରେ ନିଃଶ୍ୱାସ
ଲୁଅ ଶୁଝିବାକୁ      ଉଧାନ ଉପାସୀ      ହେବେ ବର୍ଜଣ ।

—୩—

ଶେଯ କଉଷ୍ଟରେ ଧନା ଗୁରୁ ହେବ ରୋଗାଇ ଝୁଡ଼ୀ
ପଡ଼ି ପଡ଼ି ତାଙ୍କ ସାହା ଉଡ଼ିଲାଣି ଗଲେଣି ସଢ଼ି ।
ଜର ବାଉଳାରେ କେତେବେଳେ କଣ କହନ୍ତି କଥା
ଗୋକୁଳ ଭାରଯା ସେବା କରଥାଏ ନୁଆଇଁ ମଥା—
ଶୁଖି ଶୁଖି ତାର ପୁଅଟି ହେଲାଣି କେଙ୍କଟ ପର
ଝାଡ଼ା ପୋଛୁ ପୋଛୁ କି କରିବ ସେ ଯେ ଗଲାଣି ସର ।
ଖାଇବା ବିହୁନେ କି ନୁହେଁ ମଣିଷ ମଅଁଳୁଇଁରେ
ସବୁ ରୋଗ ଦୁଃଖ ଔଷଧ ମୌଷଧି ଖାଇବା ତଳେ ।
ଧନବନ୍ତ ଜନେ ବୁଝୁଥାନ୍ତି ଯେବେ ଏଇ କଥାଟି
ଯୋକ ପ୍ରାଟପୁ କପାଁ ମଣିଷ ମରନ୍ତା ଭୂଇଁ ସାଉଁଟି ?
ଘର କଥା ଭାବି ଭାବି ଗୋକୁଳଟି ହେଲା ଅକୁଳ
କି କରିବ ବୋଲି ନ ଦିଶିଲା ବୁଦ୍ଧି ଥିଲା କି କୂଳ ?
ଅନ୍ନ ବସ୍ତ୍ରାନରେ ତା ପିଲା କୁଟୁମ୍ବ ମରିବେ ଭାରି
ଅଜାଣତେ ମୁଦା ଅଖିକୋଣୁ ଲୁହ ଯାଉଛି ସ୍ରବି ।
ଏମନ୍ତ କାଳରେ ଫାନ୍ଦିପୋଲିଶର ଧମକ ଶୁଣି
ଅଖି ଫିଟାଇଲା ଚୁହିଁଲା ଗୋକୁଳି କୃତାନ୍ତ ମଣି ।
ବାଜିଗଲା ଧକା— ପଟରେ ଦଶ ଧକ ! ଯାଏ ସେ ଗଡ଼ି
ଶାଲ ବାହାଁରେଦ ଶବଦେ ସେ ଭୂଇଁ ଗଲା ଉଚ୍ଛୁଳି ।
ଜମାଦାର ବାବୁ ବେଠି କାଠ ପାଇଁ ଥିଲେ ଡକାଇ
ପ୍ରାଭବ ପାଇଲା ସକାଳୁ ନ ଗଲା ସେ ଯେ କିପାଇଁ ?
ନ ଥାଉ ତା ଜମି ରଖା ହିଇଜେ ତ କରିଛି ଘର
ଏତେ ବଡ଼ କିଏ ହୁକୁମ ଏଡ଼ିବ ଜମାଦାରର ।

'ପିଅନ କୋରଣ କରୁଥିଲା ଘର' କହିବ ବୋଲି
ଯେତେ ଉହୁଁ କଲା କହି ନ ପାରିଲା ଗୋକୁଳ ଖୋଲି ।
ତୁଣ୍ଡ ନ ଫିଟିଲା, କେହି ନ ଜାଣିଲା ଗୁହାରି ତାର
ଷ୍ଟେଟ ଲୋକ ପାଶେ ଜବାବ ଦେବାଠା ଯେ ଅବେଭାର ।
ତିନିକୋଶ ଦୂର ଫାଣ୍ଡି ପିଣ୍ଡାତଳେ ଖାଇଲା ମାଡ଼
ମାଡ ଖାଇ ଖାଇ ହେଲା ଅଣକଟ ଭାଙ୍ଗିଲା ହାଡ଼ ।
ଶ୍ରୀକାନେ ଶୁଣିଲେ ଭାବଯାଚି ତାର ଯହୁଁ ସୁନ୍ଦର
ହଉ ହଉ କହି ନାଶ ସଲଖିଲେ ଶ୍ରୀଜମାଦାର ।
ଘରେ କଣ୍ଟୁ ନାହିଁ ଜାଣି ରାଇଟର ପୋଲିଶବାଲା
ଶ୍ରୀପାଦେ ଠକାଏ ଦେଇ ଦେଲେ ତଡ଼ି ଭାଗୋ ରେ ସାଲା ।

—୪—

ପ୍ରାଣ ଧରି ଯେବେ ଗଳାଇ ଗୋକୁଳ ଅନ୍ଧାରେ ବାଟ
ଡହକ ବକଟେନ ପଡ଼ିଯାଏ ମନେ ପୋଲିଶ ଲୁଟ ।
ପେଟ ପୋଡ଼ା ସଙ୍ଗେ ଯମଦଣ୍ଡ ପୋଡ଼ା ମିଶିଣ ତାର
ଜ୍ଞାନ ଯାଏ ହଜି ଅଟେ ଗଳାଇ ସେ ହୋଇ ସତ୍ୱର ।
ଦେହ ମୁଣ୍ଡ ପୀଡ଼ା ଖାଇ ଖାଇ ମାଡ଼ ବନ୍ଧୁକ ଗୁହ
ଭାତ ଭୁଜା ଅବା ଯମପୁରେ କାହୁଁ ମିଳିବ କାହୁ ?
ଏତେ କଷ୍ଟେ ସେ ଯେ ଫେରିବ ଘରକୁ ମନେ ମନାସି
ବାହୁନିଲା ଟିକେ ମାଆ ପଟ୍ଟେଶ୍ୱରୀଙ୍କ ପାଦୁକେଣ ବସି ।
ମାଆ ଭଗବତୀ ପିଲାପିଲି ମୋର ଥିବେ ଭଲରେ
ଏ ଦୟା କରିବୁ ପତିତ-ପାବନୀ ମାଗେଁ ପଦୂରେ ।
ପୁଣି ସେ କହିଲା, କହିଲା ମାଆ ଲୋ କି ଦୋଷ ମୋର

କିପାଇଁ ଭୋଗୁଛୁ ଏତେ ଦୁରଦଶା କଷଣ ଘୋର ।
ଯେଣିକି ଅନାଏଁ ତେତେଣି ଦେଖେ ଖାଲି ରକତ ଅଗ୍ନି
ମାଡ଼ି ଖାଇଯିବେ ହାକିରନ୍ତି ଅବା କାଳ କାମାକ୍ଷୀ ।
କହାଲୁ କହାଲୁ ମାଆ ଲୋ କହାଲୁ ଜନମ ଦେଇ
ଏତେ ଦୁଃଖ ଦାଉ କିପାଁ ଗଞ୍ଜି ଥାଉ ଆମରି ପାଇଁ ?
ସହୁ ସହୁ ମାଆ ହେଲୁଣି ପଥର ନେଏ ତୋ କୋଳେ
ଦିଲକୁ ଟୁମ୍ବ ମୋ ଜୀଇଁ ଜୀଉଁ ମଲେ ଜୀଇ କି ଫଳେ ?
ତୋ ଛଡ଼ା ମା ମୋର ନାହିଁ କେ ଭରସା କହିବ ଦୁଃଖ
କାନ୍ଦିଲା ଗୋକୁଳ ମାଆ ମାଆ ବୋଲି ହୋଇ ନିରେଖ ।
କେହି ନ ଶୁଣିଲା ତା ବିକଳ ଡାକ ବଢ଼ିଲା ରାତି
ଅନ୍ଧାର ଭିତରେ ନାଏକ ପୁଅର ଥରିଲା ଛାତି ।
କି ଭାବିଲା ଚିତ୍ତେ ମାଆ ଡାକି ଉଠି ହେଲା ବାହାର
ମନେ ପଡ଼ିଗଲେ ଝିଅ, ସ୍ତ୍ରୀ, ପୁଅ ଘର ତାହାର ।
ଗୋକୁଳ ନାଏକ ଗୋକୁଳ ନାଏକ ସବୁ ତୁ ସହୁ
ମିଛରେ ଡାକୁ ତୁ ଭଣ୍ଡ ଠାକୁରକୁ ହେ ମହାପ୍ରଭୁ ?
ପଥର ପଥର ଥିବ ଚିରକାଳ ବୋଲି ସିନ୍ଦୁର
ଡାକିଲେ ତୋ ଦୁଃଖ ଶୁଣିବ କି ସେ ରେ ହେଲୁ ବାତୁଳ ?
ଏ ଦାଉଁ ଦେବତା ଧରମ ତ ସବୁ ତୁମ ବଇରୀ
ଗରିବ ଦଳିବା ମାଇଁକି ରେ ବାବୁ ଜନ୍ମ ତାଙ୍କରି ।

—୪—

ଗୋକୁଳ ନାଏକ ପହଞ୍ଚିଲା ଘର ନିଶୂନ ରାତି
କୁଅ ଦିନା ସତେ କାଆ କର ନାହିଁ କିନ୍ତୁ ପାହାନ୍ତି ।

ଜନମ ମାଟିରେ ପାଦ ନ ପଡୁଣୁ ଉଠିଲା କେହ
ଗୋକୁଳ ବିକଳ ଠଳ ଠଳ ଯାଏ ବୋହିଲା ଲୁହ ।
ରୋଗ ଶେଯେ ପଡ଼ କାନ୍ଦୁଚନ୍ତି ଘୁଣ୍ଡୀ ଆହା ମୋ ଧନ
ଧ'ଧନ ପାଇଁ କି କାପିଁ ଦେଖାଇଲୁ ଚନ୍ଦ୍ରବଦନ ।
ମରମ ଫଟାଇ ବୋହୂଟି କାନ୍ଦଇ ନିନ୍ଦା କରମେ
ମଲା ପୁଅଟିକୁ ଧରି ମୁଣ୍ଡ ଚୁମି ଲୋଟଇ ଭୂମେ ।
ଶୁଖା ପଦ୍ମଫୁଲ ଛାମୁ ତା ମୁହଁରୁ ସେ ଲୁହ ଧାର
ବହିଥିଲା ଅଜ ଦେଖି ନ ଥିବେ ତା' ଦଉଁ ସମୀର ।
ଏସବୁ ଦେଖିଣି ତାଠକୁ ଗୋକୁଳ ଗୁହେଁ ନିରାଟି
ଭାବିଲା ମୁରୁବ ଜନମେ କା' ଗଣ୍ଠି ଥିଲା କି କାଟି—
ତେଣୁ କି ଦଇବ ଶୁଚେଁ ଏ ଜନମେ ଦେଇ କଷଣ,
ମରେ ନ ପାଅି ଚଳି ମଶାଣି ଭୂଇଁକୁ ନ ହେଉ ଦିନ ।
ଚନ୍ଦ୍ର କଷ୍ଟେ ରାତି ପାହିଲା ଉଇଁଲେ ଦେବ ତପନ
ପେରିଲା ଗୋକୁଳ ପୁଅ ଦାହ ସାରି ମାରି ତା ମନ ।
ଶୂନ୍ୟ ଘର ତାକୁ ମହାଶୂନ୍ୟ ହେଲା ଜଳିଲା ହୃଦ
ପୁରୋହିତେ ଡାକି— ରହିଲେ ଅର୍ଜିବେ ହୋଇଲେ ଶୁଦ୍ଧ ।
ଘରେ ନାହିଁ ଦାନା ଖେତ୍ର ତ୍ରିଶ୍ରାକନା ନ ବୁଝେ କେହ
ମାଡ ଖାଇ ବୁକୁ ବଥାଏ କେ ଦୁଃଖୀ ଜାଣିଲା ନାହିଁ ।
କେ ଖୋଜଇ ଜାତ କେ ଖୋଜଇ ଜ୍ଞାତି କେ ପୁରୋହିତ
ଧୋବା ଭଣ୍ଡାରୀ ଭ ପାଇବେ ପାଉଣା ସେ 'ସେବେଇତ'।
କେଉଁଠୁ ଆଣିବ କି ଅବା କରିବ ଭାବେ ଗୋକୁଳ
ଏଣେ ଝୁଣ୍ଡୀ ଦେହ ପଥି ଅଭାବରୁ ଯାଉଛି ବଳି ।
ମାଗି ଯାଚି ସିନା ଦନଠାଏ ପିବ ସେ କି ଚଳିବା

ଖୁଣ୍ଟା ଦେଉଥିବେ  କାଳକ ଅଛନ୍ତି  କେତେ ମଘବା ।
ଭାବି ଭାବି ରକ୍ତ  ଶୁଖିଲା ଗୋକୁଳ  ଗରବ ଦେହରୁ
ପ୍ରାଣ ରଖିଥିଲା  କେବଳ ସେ ତାର  ସ୍ନିଗ୍ଧ ସେନେହରୁ ।

—୨—

ଏଣେ ଧନା ଗୁରୁ  ଯାଇଛି କି ନାହିଁ  ରାଜ ସର୍କାର
ଦାଆନ ଫାଟକେ  ଧରି ନେଇଗଲେ  ଗୋକୁଳ ଘର ।
ବାକିଆ ଖଜଣା  ଅସୁଲ ହେବାକୁ  ନ ଥିଲେ ବାଟ
ରଜା ରାଇଜର  ହାକିମ ହୁକୁମା  ଲଗାନ୍ତି ନାଟ ।
ରୋଗ ଶେଯେ ଶୋଇ ପାଇ ଯେବେ ଖୁଡ଼ୀ  ଶୁଣିଲେ ତ ହା
କାନ୍ଦିଲେ ବକିଲେ  କହିବେ କାହାକୁ  ନାହିଁ କେ ସାହା ।
ଛାଡ଼ିଗଲା ରୋଗ  ଦଣ୍ଡକେ ବୁଢ଼ୀର  ବୋହୂକୁ ଡାକି
କହିଲେ କଅଁଳେ  ଧନମାଳୀ ବୋଲି  କୋଡ଼ରେ ଯାକି ।
ଘରଖଣ୍ଡିକରେ  ଥିବୁ ତୁ ମାଆ ଟିକେ  ଆସିବ ଫେରି
ପୁଅକୁ ଆଣିବ  ରାଜ-ଦରବାରୁ  ଫେରାଇ କରି ।
ମୁହିଁ ଥାଉଁ ଥାଉଁ  ପୁଅକୁ ମୋର କେ  ଦେବ କି ହଲି
ସମ୍ଭାଳିଥା' ଘର  ଦ'ଧାନ ପାଇଁ ତ  ଅଛି ଗୁଞ୍ଜିଲ ।
ବାଳୁତ ବୋହୂଟି  କି କହିବ ଅବା  ହେଲା ସେ ତୁନି
ହାତୁ ତା' ପିତଳ  ଖଡ଼ୁ ଯାହା ଥିଲା  କାଢ଼ି ଚଟକିଁ,
କହିଲା, "ମାଆ ହେ  କେମନ୍ତେ ଯିବାକୁ  କହିବି କହ
ନ ଯିବ ବୋଲି ବା  କହିବି କେମନ୍ତ  ସବୁ ଦୁଃସହ ।
ଏଇ ଖଡ଼ୁ ତକ  ବିକି ଦେଇ ଆଣ  କିଛି ପଇସା
ବାଟ ଖର୍ଚ୍ଚ କରି  ଯିବ ଗୋଟେ ଗୋଟେ  ହରି ଭରସା ।"

ଖୁଡ଼ୀଙ୍କ ହାତ ତ    ନ ଗଲା ତା କେତେ    ବକବେ ବୋଲି
ନ ମାନିଲା ବୋହୂ    ବକଅଣି ଦେଲା    ଦାଣ୍ଡକେ ବୁଲି ।
କାନ୍ଦ କାନ୍ଦ ବୁଢ଼ୀ    ଦୁଇ ଅଣା ଦେଇ    ନେଲେ ଗୁଡ଼ଗଣା
କହିଲେ ବୋହୂକୁ    ଜଗି ଚଳୁଥିବୁ    ଦୁଃଖୀ ଦୁଲଣା ।
ସାଥିରେ ଯିବାକୁ    ଯେତେଟେମତେ ବୋହୂ    କଲିଛି ଅଳି
ମରମ ବଚନ    ବୁଝାଇ କହିଣ    ଗଲେଣି ଚଳି ।
ପତିତ-ପାବନ    ଜଗନ୍ନାଥ ଚନ୍ଦ୍ର    ଗୁଣିଲେ ବାଟ
କଲଫର ଜେଣେ    ଦାଣ୍ଡକେ ହଟିଲା    ଦଇବ ଘଟେ ।
ପାଲ ଦଉଡ଼ିରେ    ବାନ୍ଧିଲେ ଚାଟରଣି    ମା ମଙ୍ଗଳା
ଧନକ ବାଟକୁ    ଧଧନେ ଭେଟିଲେ    ହୋଇ ନିଙ୍କଳା ।
ଗାଆଁ ସାଇ ଭାଇ    ସମସ୍ତେ ଦୁଃଖିତ    ଶୁଣିଲେ ଯେବେ
କାହା କରମରେ    କି ହେବ ବୋଲିଣ    ଭାବିଲେ ତେବେ ।

—୭—

ଧ'ଧନଙ୍କୁ କହି    ଗଲି ଗୁରୁ ଦିନ,    ହେଲା ଛ'ଦିନ
ବୋହୂ ବର୍ଗୁଷର    ମନ ଛନ ଛନ    ହୋଇଲା ପୁଣି ।
ଶାଶୁ ଟେକ ଧନୁ    ଦାଣ୍ଡକୁ ନ ଆସେ    କୁଡ଼ିଆ କଣେ—
ବସି ଭଜୁଥାଏ    ମାଆ ମଙ୍ଗଳାଙ୍କୁ    କାନ୍ଦ ମଉନେ ।
ଝିଅ ପିଅ ତାର    ନ ଦେଖନ୍ତି କେହି    ଧୂଆଁ ତା' ଘରୁ
ସେ ଦିନା ଛଅଟେ    ନ ଥିବ ବାହାର    ମୋଟେ ଜମାରୁ ।
କିଏ କେଉଣେ ଗଲା    ଏକା ଝିଅ ତାକୁ    ହେଲା ବକଲ
ବିଧାତା ଘଟଣି    ପଥରକୁ ମୂର୍ତ୍ତି    ଟାଣି କାହାର ।
ଇଏ ମାଆ କଥାଁ    ଜମାଦାର ବାବୁ    ବୁଲନ୍ତି ଗାଆଁ

ବୁଲି ବୁଲି ଯାଇ ଗୋକୁଳିଆ ଘରେ ହୋଇଲେ ଠିଆ ।
ସମସ୍ତେ ଛନକା ସବୁ ମୁହଁ ଫିକା ଦେଖି ପୋଲିଶ
ଏତେ ଜାଣି କାଳ ପଶୁର ବୁଝିବ କିବା ସନ୍ଦେଶ ?
ଗୋକୁଳି ଭୂୟା ଦେଖି ଜମାଦାର ପଶିଲା ଘରେ
କିନ୍ତୁ ଜମାଦାର ଆଡ଼େ ଅନାଇଲେ ଗୃହୁଣୀଟିରେ ।
ହସି ହସି ତାଙ୍କୁ କହିଲେ, "କାଇ ଗୋ 'ବର' ତ ଗଲେ
ଛଅ ମାସ ପରେ ଲେଉଟି ଆସିବେ ପରାଣ ଥିଲେ ।
ବୃଥା କଷ୍ଟ କିଆଁ ପାଇବ ଏଇଠେ ଆସ ସୁନ୍ଦରୀ
ବଡ଼ ମଉଜରେ ରଖିବି ସାଇତି ନେବି ମୁଁ ବରି ।"
ଶୁଣିଲା ଗୋକୁଳି ଭୂୟା ଏ କଥା ଯେବେ ଉପଶି
ରାଗ ଗରଗର ହେଲା ତା' ବୁଝୁ ନେ ସେ କି 'ନାଗୁଣୀ' ।
ହାଣି ସେ କହିଲା— କିଏ ସେ ରେ ତୁଇ ହେବ ଅଜାଣ୍ଡି
ଚଷା ବୋଲି ଆମେ ଏତେ ତୋ ସାହସ କହୁ ଅଧର୍ମ ?
ମାଆ ଭଉଣୀ କି ନାହାନ୍ତି ତୋହର କହୁ ଏ କଥା
ଭଲେ ଭଲେ ଯାଅ ନୋହିଲେ ଅଖିତ ଭାଙ୍ଗିବ ମଥା ।"
ଜମାଦାରେ ଶୁଣି ହୋଇଲେ ଉଠସ୍ଥ— 'ଗୃଙ୍କଶି ଦନ୍ତ
ଏମନ୍ତ ଜବାବ କରି ନ ଥିଲା କେ ଏ ଶାଳୀ ଖନ୍ତ ।
କହିଲେ ଦେଖ ଏ ବଜାତ ଗୃହୁଣୀ କେତେ ସାହସୀ
ମୋ ସଙ୍ଗେ ଯେବେ ତୁ ବଟୋର ବାନ୍ଧିଲୁ ଦେଉଛି କଷି ।"
ଦିନ ଦିପହରେ ଘରେ ତାର ପଶି ପୋଲିଶ ସଙ୍ଗେ
କଲେ ଯେ ଅନୀତି ଦେଖି ନ ଥିବେ ତା ତପନ କେବେ !
କିନ୍ତୁ ଗୃହିଣୀର ସତୀତ୍ୱ କେବେ ସେ ନେଇ ନ ପାରି
ହରି ଚଣ୍ଡାଳୁଣୀ କହିଗଲେ ରୁଳି ଦାଣ୍ଡେ ବାହାରି ।

ପ୍ରାଣଭରେ ଯେଉଁ ଉତ୍ସାହେ ଲୁଟିଲେ ସାଇପଡ଼ିଶା
ଛନ୍ଦନ ଉପାସୀ ନାଗର ନ ହେଲେ କେହ୍ନ ଭରସା ।
ଧଅଁ ଦେବତାଏ କେହ୍ନ ନ ଶୁଣିଲେ ଶୁଣିବା କଥା
ଅଗତ ଅପନ୍ଦ ସୁନ୍ଦର ବୋହୂଟି ପୋଡିଲ ମଥା ।
ସତୀ ସୁକୁମାରୀ ଚଷାର କୁମାରୀ ସ୍ୱାମୀ ସୁନ୍ଦର
ମନେ ମନେ ଶାଶୁ ଚରଣେ ପ୍ରଣମି ଦେଲ ଦଉଡ଼ି ।
ସ୍ୱତ ନ ହେଉଣୁ ହାରିଲ ଜୀବନ ହୋଇ ଗୋପନ
ଟଛ ଫାଙ୍କେ ଖାଲି ସାକ୍ଷୀ ରହିଥିଲ ରବି-କିରଣ ।

— ୮ —

ହାତକଡ଼ା ଦେଇ ଗୋକୁଳକୁ ନେଇ ରଜାଙ୍କ ପାଶ
ହାଜର କରାଇ ଫାଣ୍ଡି ପୋଲିଶିଏ ନେଲେ ସାବାସ ।
କାଠର ପିଲୁଲା ପରାଏ ଟୋକୁଳା କ୍ଷଣେକ ରହି
ଗୃହ ତନ୍ନତନ୍ନ କୋଠାବାଡ଼ିସବୁ ନିରୁଟି ଚାହିଁ ।
କହିଲ ଅକୁଳେ ହଜୁର ତ ମୋର ଯା' ଥିଲ ଦେଲି
ଉପାସ ଭୋକେ ତ ମରିଯାଉଅଛୁଁ ସବୁ ସାରିଲି ।
ରଜା ହୋଇ ଯଦି ଅମ ଦୁଃଖ କେବେ ମଣିମା ତୁମେ
ଶୁଣୁଆନ୍ତ ତେବେ ଏତେ କଷ୍ଟ କାହିଁ ଭୋଗନ୍ତୁ ଅମେ ?
ଗୁମ୍ଭଙ୍କ ଶ୍ରୀମୁଖୁଁ ଫୁଟିଲ ବଚନ ଚୁପ୍ ବେ' ଯାଅ
ଦିଅନ ବାବୁଙ୍କ କଚେରୀରେ ଯାଇ ହାଜିର ଦିଅ ।
ଧର୍ମ ଅବତାର ଦିଅନ କହିଲେ ହଇବେ ସାଲ
ଖଜଣା ନ ଦେଇ ରଜା ରାଇତରେ ଅଛୁ କେ ଭଲ ?
ଖୁଡ଼ୀ ବୁଢ଼ୀ ଯାଇ ଚରଣେ ଲୋଟିଲ କହିଲ ଚିର

ହଜୁର ଏଣିକି  ଯାହା ତମ ମନ  ତାହା ହିଁ କର ।
ଭରସି କହିଲା  ଗୋକୁଳି ରେ ମୋର  ଡର ନା କେବେ
ଦଣ୍ଡଙ୍କା ପାଇଁ  ଏଇ ତ ପଣ୍ଟଣେ  ଉଠିବ ସେତେବେ ।
ଧାମା ମହାଜନେ  ଦେଇଥିଲେ ଖାଇ  ଲକ୍ଷ ସତୁର
ଜମିବାଡ଼ି ଗଲା  ହେଲେ.ନାରଖାର  କରି ବିକର୍ଯ୍ୟ ।
ଭଉଣୀକୁ ଚୋର  ହୋଇଛନ୍ତି ବାହା  ଡାକନ୍ତି ଶାଳୀ
ଅଲପ ନୁହନ୍ତି  ଅଷ୍ଟ ଜଣେ ଯାଙ୍କ  ବଗୁର ଭଲ ।
ମରମେ ବାଜିଲା  କୁନ୍ତ ପରି ସେନା  ହାକିମଙ୍କର
ଶ୍ରୀଛାମୁ ଛାମୁଆଁ  ବାଇଅଣୀ ବୋଲି  ଦେଲେ ପାହାର ।
ଯା' ବିବେକ ଥିଲା  ଉଇ ହୁଙ୍କା ପ୍ରାଚ୍ୟେ  ଫିଟିଚି ଜାଲି
ସେ କାହୁଁ ଜାଣିବ  ଧରମ ଅଧର୍ମ  ଯିବ ତ ଚଳି ।
ଉହୁଖଣ୍ଡି ହେଲା  ସରକାରୀ ନେଲା  ହରିଆ ସାଉ
ବଡ଼ କୋଟେ ସେ  କଷି କଷି ଭଲା  ପଦର ଭାଉ ।
ଛମାସ ପାଇଲା  ଗୋକୁଳି ଜାହାଲ  ଶୁଣିଲା ବୁଢ଼ୀ
କାହିଁ କାହିଁ ଧର୍ମ  ଅବତାର ଆଜେ  ଗଲା ସେ ଗଡ଼ି ।
କେହି ନ ଶୁଣିଲେ  ବିଧବା ଗୁହାରି  ଭାଙ୍ଗି କଟେଗା
ଯେତ୍ତା ଘରେ ଗଲେ  ବୁଢ଼ୀଟି ରହିଲା  ଭୂଇଁରେ ପଡ଼ି ।

—୯—

କି ମନେ ଭାବିଲା  ଘରକୁ ଫେରିଲା  ଦେଖିବ ବୋହୂ
କିନ୍ତୁ ବୋହୂ ଦେକେ  ଦଉଡ଼ାର ହାର  ଦେଖିଲା ଯହୁଁ ;
ହସି ହସି ବୁଢ଼ୀ  ଅଦରେ ଚୁମିଲା  ତା' ମଡ଼ା ମୁଖ
ଶୁଣିଲା ଅପିବେ  କାଲି ଜମାଦାର  କରି ତଦାର୍ଖ ।

ସିଂହ ସମ ବଳ    ଅଇଲା ତା' ଦେହେ    ଭାଙ୍ଗି କୁଡ଼ିଆ
କାଠ ବାଉଁଶକୁ    କରିଲା କୋଠ    ଅଣା ଅଡ଼ିଆ ।
ନାଆଁ ଟିକେ ଦେଇ    କହିଲା ହେ ଦେବ    ବିଶ୍ୱ-ପାବନ
ଅରକ୍ଷିତ ପ୍ରାଣୀ    କରିବ ଉଦ୍ଧାର    ତେଣୁ ପ୍ରଣାମ ।
ଗଛ ପରବତ    ନଈ ନାଳ ପରି    କରିବ ମୋତେ
ମଣିଷ ଜନମ    କେବେ ନ ଦେବ ହେ    ମାଗୁଣି ଏତେ ।
ଅହୁରି ଗୋଟିଏ    କଥା ମୁଁ କହିବ    ଶୁଣ ଅନଳ
ରଜା ସାଇଜରେ    ନ କର ପର୍ବତ    ନଈ କି ନାଳ ।
ଜନମ ମାଟିକୁ    ଗୁହାଁଳି କରିଛି    ଆହା ରେ ଭୂଇଁ
କେତେ କାଳୁ ସତେ    କେତେ ମଣିଷଙ୍କୁ    ରଖିଚୁ ତୁହି ।
ତୋତେ ମାୟା କରି    ହେଲି ଏତେ ସରି    ସଂସାର ଖେଳେ
ମୋ ପରି ପାଠକା    ଦେଖି ନ ଥିବୁ ତୁ    କେବେ ତୋ କୋଳେ
ତୋହର ଉପରେ    ଏଇ କୁଡ଼ିଆରେ    ମୋର ବଂଶ
କେତେ କାଳୁ ଥର--    ଥର କରିଦେଇ    ହାଡ଼ ପାଉଁଶ,
କେତେ ଦୀର୍ଘ ଶ୍ୱାସେ    କେତେ ଦୁଃଖ ହାସେ    ତୋହରି ପରେ
ଲୀଳା ସରି ଯାଇ—    ଅଛନ୍ତି ବନ୍ଧାଇ    ତୋ ଚରଣରେ ।
ରଜା ସାଇଜର    ଭୂଇଁ ତୁ ବାବୁ ରେ    ନେଇଛ ବିଦା
ମଣିଷ ନ ରଖେ    ମାଗୁଣି ଏତିକ    ହୁଅ ରେ ପଦା ।
ଏହା କହୁ ବୁଢ଼ୀ    ପ୍ରଚଣ୍ଡ ଅନଳେ    ପକାଇ ଶବ
କି ଭାବିଲା ନାଆଁ    ଗୁରି ପାଖେ ବୁଲି    ହେଲା ଗଦ୍ ଗଦ ।
ପ୍ରଭୁ ଜଗନ୍ନାଥ    ଅକୁଳ ରେ ମୋର    ଡାକଣ ଡାକେ
ନାଆଁ ରେ ପଡ଼ିଲା    ସାଇ ପଡ଼ିଶାଏ    ନ ଥିଲେ ପାଖେ ।
ଡରି କିଏ କେଣେ    ଲୁଚି ଦେଖୁଥିଲେ    ପୋଲିଶ ଯେବେ

ଅସିବ କ ହେବ    ଏହି ଗାଆଁ ଖଣ୍ଡ    ଭାରତୀ ହୃଦେ ।
ସତକୁ ସତ ତ    ଘଟିଗଲା ତାହା    ଅଳପ ଦନେ
ମାଡ ଖାଇ ଗାଆଁ    ହେଲା ଜରିମାନା    ଧର୍ମ ହାକିମେ ।
କଡା ଚଣ୍ଡା କରି    ପୋଲିଶିଏ ନେଲେ    ବକେଇ କଂସା
ରଢା ରାଇଜ ମା    ପାଠି ନ ପିଠା ଲୋ    ଦେବେଟି ଖାସା ।

— ୧୦ —

ଛଅ ମାସ ପରେ    କଇଦରୁ ଫିଟି    ଗୋକୁଳି ଆସେ
ମଡା ପର ଦଶେ    ଚେତେବ ତ ଗୁଲଇ    ବଢ଼ ଛଇସେ ।
ଦେଖିବ ଝୁଡ଼ୀକି    ଦେଖିବ ସ୍ତିରୀକି    ଝାଣଇ ମାୟା
କାୟା ନ ଥାଇ ଯେ    ସପନ ରେ ହେଲେ    ପକାଏ ଛାୟା ।
ଦେଖିବ ଜନମ    ମାଟିଖଣ୍ଡି ତାର    ଏ ଭାବ ମନେ
ପହଞ୍ଚି ଦେଖିଲା    ଯାହା ସେ ନୟନେ    ରହିଲା ଧାନେ ।
ଧାନ ନ ଭାଙ୍ଗିଲା    ପିଣ୍ଡ ନ ହଲିଲା    ଦେଖିଲେ ଲୋକେ
ଆହା ଆହା କରି    ମିଶିଯେ ମାଣ୍ଡପେ    ଗଡ଼ିଲେ ଶୋକେ ।
ଯମ ପୁଲିସ୍ ଙ୍କ    ସେ ବପଦ ଠେଲି    ରହିବା ପାଇଁ
ଗାଆଁ ଖଣ୍ଡକର    ଇଜତ ମହତ    ସବଠି ଭାରି !
ତଥାପି ସେ ଗ୍ରାମେ    ଅଛନ୍ତି ମଣିଷ    ସତ ଏ କଥା
ଦେବତା ବଳାଙ୍କ    ଶାସନେ ହେଉଛୁ    ଏହି ଅବସ୍ଥା । *

---

* ମହତୀ ଦେବତା ହେଁଷା ନରରୂପେଣ—ଇତ୍ୟାଦି

Printed by M. A. Hadi, at the L. N. Press, Cuttack.—1939